# NATIONAL NEWS BULLETIN (ODIA)

**22 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶରେ ଏପର୍ଯ୍ୟନ୍ତ ମୋଟ୍ ସ୍ଥାପିତ ଶକ୍ତିକ୍ଷମତା ପହଞ୍ଚିଲା ୪୭୬ ଗିଗାୱାଟରେ ।
- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଏନ୍ଆଇଏ ଦ୍ୱାରା ଆଉ ୨ଜଣ ଗିରଫ ।
- ଲଦାଖର ଐତିହାସିକ କାରଗିଲ ଯୁଦ୍ଧ ସ୍ମାରକୀ ସ୍ଥଳୀରେ ଆଜି ପାଳିତ ହୋଇଛି ସରହଦ ସୌର୍ଯ୍ୟଥନ ୨୦୨୫ ।
- ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣ ଆନ୍ତର୍ଜାତିକ ଆଇନ୍‌ର ଉଲ୍ଲଙ୍ଘନ ବୋଲି ଇରାନ୍‌ର ଅଭିଯୋଗ ।

ଏବଂ

- ୨୦୨୬ ପୁରୁଷ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କଲା କାନାଡା ।

## ୧୧ ବର୍ଷ ପୂର୍ତ୍ତି – ସ୍ପେଶାଲ ଫିଚର

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରରେ ଦେଶରେ ଗତ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ

କ୍ଷେତ୍ର ଗୁଡ଼ିକରେ ସରକାରଙ୍କ ପ୍ରୟାସ ଉପରେ ବିଶେଷ ସନ୍ଦର୍ଭ ଉପସ୍ଥାପନା କରୁଛି । ଆଜି ଦେଶରେ ଗତ ଏକଦଶନ୍ଧି ମଧ୍ୟରେ ଶକ୍ତିକ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଉପରେ ଉପସ୍ଥାପନା କରୁଛୁ ।

ଦେଶର ଶକ୍ତିକ୍ଷେତ୍ର ଗତ ଦଶନ୍ଧି ମଧ୍ୟରେ ବୃଦ୍ଧିପାଉଥିବା ଚାହିଦା, ଭିତ୍ତିଭୂମି ବିକାଶ, ପାରମ୍ପରିକ ଏବଂ ନବୀକରଣ ଶକ୍ତି ଉତ୍ସ କ୍ଷେତ୍ରରେ ବିଶେଷ ପରିବର୍ତ୍ତନ କରିଛି । ଚଳିତମାସ ସୁଦ୍ଧା ଦେଶର ମୋଟ ସ୍ଥାପିତ ଶକ୍ତି କ୍ଷମତା ୪୭୬ ଗିଗାୱାଟରେ ପହଞ୍ଚିଛି । ସେଥିରୁ ଅର୍ଦ୍ଧେକ ଅଣଜୀବାଶ୍ମ ଇନ୍ଧନ କ୍ଷେତ୍ରରୁ ଆସିଛି । ସୌରଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ଏବଂ ପବନଶକ୍ତି କ୍ଷମତାରେ ଚତୁର୍ଥ ସ୍ଥାନ ହାସଲ କରିଛି । ଗତ ୨୦୧୮ ଏପ୍ରିଲ ସୁଦ୍ଧା ଦେଶର ସମସ୍ତ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇସାରିଛି । ୨୦୧୪ ମସିହାରେ ବିଦ୍ୟୁତ୍ ନିଅଣ୍ଟ ୪ ପ୍ରତିଶତରୁ ଅଧିକ ଥିବାବେଳେ ଏବେ ଏହା ଶୂନ ଦଶମିକ ୧ ପ୍ରତିଶତକୁ ହ୍ରାସ ପାଇଛି । ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ୪୫ ପ୍ରତିଶତ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦେଶରେ ଶକ୍ତିକ୍ଷେତ୍ରକୁ ଅଧିକ ଗତିଶୀଳ କରିଛି । ପ୍ରଧାନମନ୍ତ୍ରୀ କୁସୁମ ଯୋଜନା ଚାଷୀଙ୍କୁ ସୌରଚାଳିତ ଜଳସେଚନ ସହିତ ସଶକ୍ତ କରିପାରିଛି । ପବନଶକ୍ତି କ୍ଷେତ୍ର ଦ୍ୱିଗୁଣିତ ହେବା ସହ ଜଳବିଦ୍ୟୁତ୍, ବାୟୋମାସ ଏବଂ ପରମାଣୁ ଶକ୍ତି କ୍ଷେତ୍ରରେ ନିରନ୍ତର ବୃଦ୍ଧି ପରିଲକ୍ଷିତ ହୋଇଛି । କୋଇଲା କ୍ଷେତ୍ରକୁ ଆତ୍ମନିର୍ଭରଶୀଳ କରିବା ଲାଗି

ଆଧୁନିକୀକରଣ କରାଯାଇଛି । ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ମାଧ୍ୟମରେ ସ୍ୱଚ୍ଛ ଏବଂ ସବୁଜ ଶକ୍ତିକ୍ଷେତ୍ର ତ୍ୱରାନ୍ୱିତ ହୋଇପାରିଛି ।

## ଏନ୍ଆଇଏ-ପହଲଗାମ ଟେରର୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ ୨ଜଣଙ୍କୁ ଗିରଫ କରିଛି । ଏହି ଆକ୍ରମଣ ଘଟଣାରେ ଜଡିତ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଏହି ୨ଜଣଙ୍କୁ ଗିରଫ କରାଯାଇଛି ବୋଲି ଏନ୍ଆଇଏ କହିଛି । ଆକ୍ରମଣରେ ସଂପୃକ୍ତ ତିନି ସଶସ୍ତ୍ର ଆତଙ୍କବାଦୀଙ୍କ ପରିଚୟ ଏନ୍ଆଇଏ ପ୍ରଦାନ କରିଛି । ଏହି ଆତଙ୍କବାଦୀମାନେ ଲସ୍କର-ଏ-ତଏବା ଆତଙ୍କବାଦୀ ସଂଗଠନ ସହ ଜଡିତ ବୋଲି ଏନ୍ଆଇଏ କହିଛି । ପହଲଗାମ ଆତଙ୍କବାଦୀ ଘଟଣା ପୂର୍ବରୁ ଆଜି ଗିରଫ ହୋଇଥିବା ୨ଜଣଯାକ ଆଶ୍ରୟଦାତା ସଂପୂର୍ଣ୍ଣ ଜ୍ଞାତସାରରେ ଏହି ତିନି ସଶସ୍ତ୍ର ଆତଙ୍କବାଦୀଙ୍କୁ ହିଲ୍ପାର୍କର ଏକ ଋତୁକାଳୀନ ସ୍ଥାନରେ ଆଶ୍ରୟ ଦେଇଥିଲେ ବୋଲି ଏନ୍ଆଇଏ ସ୍ପଷ୍ଟ କରିଛି । ସେମାନେ ଆତଙ୍କବାଦୀଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ । ବେଆଇନ୍ କାର୍ଯ୍ୟକଳାପ ନିବାରଣ ଆଇନ୍ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇଥିବା ଏନ୍ଆଇଏ କହିଛି ।

# ଶ୍ରୀଲଙ୍କା ଏଫ୍‌ଏମ୍ ଇଣ୍ଡିଆ

ଇରାନ୍‌ରୁ ଶ୍ରୀଲଙ୍କା ନାଗରିକଙ୍କୁ ସମୟୋଚିତ ସହାୟତା ପ୍ରଦାନ କରିଥିବାରୁ ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ବିଜିଥା ହେରାଥ୍ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହାକୁ ଏକ ଚିନ୍ତିତ ପଦକ୍ଷେପ ବୋଲି ଅଭିହିତ କରି ଶ୍ରୀ ହେରାଥ୍ କହିଛନ୍ତି ଭାରତର ଏଭଳି ପଦକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିବା ସହିତ ସ୍ଥାୟୀ ସହଭାଗିତାକୁ ପ୍ରତିଫଳିତ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀଲଙ୍କାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତର ଏହି ପଦକ୍ଷେପ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛି । ଏଭଳି ସହଯୋଗକୁ ଶ୍ରୀଲଙ୍କାବାସୀ ପ୍ରଶଂସା କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ସୂଚନାଯୋଗ୍ୟ ଶ୍ରୀଲଙ୍କା ଏବଂ ନେପାଳ ସରକାରଙ୍କ ଅନୁରୋଧ କ୍ରମେ ଭାରତ ସରକାର ଅପରେସନ ସିନ୍ଧୁ ଅଧୀନରେ ଏହି ଦୁଇଦେଶର ନାଗରିକଙ୍କୁ ଇରାନ୍‌ରୁ ପ୍ରତ୍ୟାବର୍ତ୍ତନ କରିବାରେ ସହଯୋଗ ପ୍ରଦାନ କରିଛନ୍ତି । ତେହେରାନରେ ଥିବା ଭାରତୀୟ ଦୂତାବାସ ଏହି ପଡୋଶୀ ଦେଶର ନାଗରିକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ନେଇ ପଦକ୍ଷେପ ଗ୍ରହଣ କରୁଛି । ଆଞ୍ଚଳିକ ସହଯୋଗ ଏବଂ ମାନବବାଦ ପ୍ରସାରରେ ଏହା ଭାରତର ପ୍ରତିବଦ୍ଧତାକୁ ସୂଚାଉଛି ।

# ସେଠ୍ ଭିଜିଟ୍

ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଆସନ୍ତାକାଲିଠାରୁ କେନିଆ ଏବଂ ମାଡାଗାସ୍କର ଗସ୍ତରେ ଯିବେ । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବିଦେଶ ଗସ୍ତରେ ଯାଉଥିବା ମନ୍ତ୍ରୀ ଶ୍ରୀ ସେଠ୍ ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି କେନିଆକୁ ଗସ୍ତରେ ଯାଇ ଟାଇଟା-ଟାଭେଟା କାଉଣ୍ଟିସ୍ଥିତ ସ୍ମାରକୀ ସ୍ତମ୍ଭର ଉନ୍ମୋଚନ କରିବେ । ଦ୍ୱିତୀୟ ପର୍ଯ୍ୟାୟରେ ୨୬ ତାରିଖ ଦିନ ଆଣ୍ଟାନାନାରିଭୋଠାରେ ମାଡାଗାସ୍କର ୬୫ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ ।

# ସରହଦ ସୂର୍ଯ୍ୟୋଥନ ୨୦୨୫

ଲଦାଖଠାରେ ଐତିହାସିକ କାରଗିଲ ଯୁଦ୍ଧ ସ୍ମାରକୀ ସ୍ଥଳୀରେ ସରହଦ ସୌର୍ଯ୍ୟଥନ ୨୦୨୫ ଆଜି ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଭାରତୀୟ ସେନା, ପୁନେର ସରହଦ ପ୍ରତିଷ୍ଠାନ ଓ କାର୍‌ଗିଲରେ ଥିବା ସ୍ଥାନୀୟ ପ୍ରଶାସନର ମିଳିତ ସହଯୋଗରେ ଆୟୋଜନ କରାଯାଇଛି । ଏହି ମାରାଥନରେ ୨ହଜାର ୫୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି । ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିନ୍ଦେ ଲେଫ୍ଟନାଣ୍ଟ ଜେନେରାଲ ରିତେଶ ଭାଲ୍ଲା, ଜେନେରାଲ ଅଫିସର କମାଣ୍ଡିଂ

୧୪ବାହିନୀକୁ କାର୍ଗିଲ ଯୁଦ୍ଧ ସ୍ମାରକୀ ସ୍ଥଳର ବିକାଶ ନିମନ୍ତେ ୩କୋଟି ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି ।

## ୟୁଏସ୍ ଷ୍ଟ୍ରାଇକ୍-ଇରାନ୍

ଆମେରିକା’ ଇରାନ୍ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣକୁ ଇରାନ୍ ଦୃଢ଼ ନିନ୍ଦା କରିବା ସହ ଏହା ଆନ୍ତର୍ଜାତିକ ଆଇନ୍ ଏବଂ ଜାତିସଂଘ ମାର୍ଗଦର୍ଶିକାର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରିଛି । ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଏକ ନିଷ୍ଠୁର କାର୍ଯ୍ୟକଳାପ ବୋଲି ବର୍ଣ୍ଣନା କରିଛି । ଆମେରିକା ଆକ୍ରମଣର କିଛିଘଣ୍ଟା ପରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ବିବୃତ୍ତି ଜାରି କରାଯାଇଛି । ଜାତିସଂଘ ଜରୁରୀକାଳୀନ ବୈଠକ ଡାକିବା ପାଇଁ ଇରାନ୍ ଦାବି କରିବା ସହ ଜାତିସଂଘ ସୁରକ୍ଷା ପରିଷଦ ଏବଂ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା - ଆଇ.ଏ.ଇ.ଏ କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛି । ଆମେରିକାର ଇରାନ୍ ଉପରେ ଆକ୍ରମଣ ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ସ୍ତରରେ ନୀରବତା ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିବ ଏବଂ ବିଶ୍ୱ ଆଇନ୍ ଓ କୂଟନୀତିକୁ ଏହା ଦୁର୍ବଳ କରିବ ବୋଲି ଇରାନ୍ ଚେତାବନୀ ଦେଇଛି ।

# ଇସ୍ରାଏଲ-ଇରାନ ଷ୍ଟ୍ରାଇକ୍

ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ବୃଦ୍ଧିପାଉଥିବା ସଂଘର୍ଷ ପରିପ୍ରେକ୍ଷୀରେ ଇସ୍ରାଏଲ ସେନା କହିଛି ଇରାନ୍‌ର ସାମରିକ ସ୍ଥଳକୁ ଲକ୍ଷ୍ୟକରି କ୍ରମାଗତ ଆକ୍ରମଣ ଜାରି ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ କହିଛି ପଶ୍ଚିମ ଇରାନ୍‌ରେ ବାୟୁସେନା ପକ୍ଷରୁ ଏହି ଆକ୍ରମଣ ଚାଲିଛି । କ୍ଷେପଣାସ୍ତ୍ର ଆକ୍ରମଣର ଭିତ୍ତିଭୂମିକୁ ଲକ୍ଷ୍ୟକରି ମଧ୍ୟ ଇସ୍ରାଏଲ ସେନା ଆକ୍ରମଣ କରିଥିବା ଆଇଡିଏଫ୍ ସୂଚନା ଦେଇଛି । ଏହାଦ୍ୱାରା ଇରାନ୍‌ର ବହୁ କ୍ଷେପଣାସ୍ତ୍ର ଆକ୍ରମଣର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି ।

# ବାଂଲାଦେଶ-ଟ୍ରାଇନେସନ ମିଟିଂ

ନବମ ଚୀନ୍-ଦକ୍ଷିଣ ଏସିଆ ପ୍ରଦର୍ଶନୀ ଏବଂ ଷଷ୍ଠ ଚୀନ୍ ଦକ୍ଷିଣ ଏସିଆ ସହଯୋଗ ବୈଠକ ଅବସରରେ କୁନମିନ୍‌ଠାରେ ବାଂଲାଦେଶ, ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଜାରି ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଗତ ଗୁରୁବାରଦିନ ଏହି ୩ଟି ରାଷ୍ଟ୍ର ମଧ୍ୟରେ ଏକ ଅନୌପଚାରିକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବାଂଲାଦେଶର ପୂର୍ବତନ କାର୍ଯ୍ୟକାରୀ ବୈଦେଶିକ ସଚିବ ମହମ୍ମଦ ରୁହୁଲ

ଆଲାମ ସିଦ୍ଦିକ୍, ଚୀନ୍ ଉପବୈଦେଶିକ ମନ୍ତ୍ରୀ ଶୁନ୍ ୱେଇଡୋଙ୍ଗ ଏବଂ ପାକିସ୍ତାନର ଅତିରିକ୍ତ ବୈଦେଶିକ ସଚିବ ଇମ୍ରାନ ଅହମ୍ମଦ ସିଦ୍ଦିକି ସେମାନଙ୍କର ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଇଥିଲେ । ପାରସ୍ପରିକ ବୁଝାମଣା, ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଲକ୍ଷ୍ୟ ନେଇ ଏହି ତିନି ରାଷ୍ଟ୍ର ମଧ୍ୟରେ ମତ ବିନିମୟ ହୋଇଥିବା ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ କହିଛି । ଭିତ୍ତିଭୂମି, ଯୋଗାଯୋଗ, ବାଣିଜ୍ୟ, ନିବେଶ, ସ୍ୱାସ୍ଥ୍ୟସେବା, କୃଷି, ସାମୁଦ୍ରିକକ୍ଷେତ୍ର, ଆଇସିପି, ବିପର୍ଯ୍ୟୟ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ଆହ୍ୱାନ ଆଦି ବିଭିନ୍ନ ପ୍ରସଙ୍ଗରେ ସହଭାଗିତା ନେଇ ବାଂଲାଦେଶ, ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ଆଲୋଚନା ହୋଇଛି ବୋଲି ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ କହିଛି ।

## କ୍ରିକେଟ୍ ଟି-୨୦

ଭାରତ ଏବଂ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ୨୦୨୬ ପୁରୁଷ ଟି-୨୦ କ୍ରିକେଟ ପ୍ରତିଯୋଗିତା ପାଇଁ କାନାଡା ଯୋଗ୍ୟତା ହାସଲ କରିଛି । ଏଥିସହ ଟି-୨୦ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ ପାଇଁ ପୂର୍ବରୁ ଯୋଗ୍ୟତା ହାସଲ କରିଥିବା ଦଳଗୁଡ଼ିକ ସହ କାନାଡ଼ା ସାମିଲ ହୋଇଛି । ଭାରତ ଓ ଶ୍ରୀଲଙ୍କା ସହିତ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଦଳଗୁଡ଼ିକ ହେଉଛି ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା,

ଯୁକ୍ତରାଷ୍ଟ୍ର ଆମେରିକା, ୱେଷ୍ଟଇଣ୍ଡିଜ, ଆର୍ୟାଲ୍ୟାଣ୍ଡ, ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ । ଶେଷ ୭ଟି ସ୍ଥାନ ପାଇଁ ଚଳିତବର୍ଷ ଆଞ୍ଚଳିକ ଯୋଗ୍ୟତା ନିର୍ଣ୍ଣୟ ମାଧ୍ୟମରେ ପୂରଣ କରାଯିବ । ସେଥିରେ ୟୁରୋପ୍ ଏବଂ ଆଫ୍ରିକାରୁ ୨ଟି ଲେଖାଏଁ ଦଳ ଏବଂ ମିଳିତ ଏସିଆ-ପୂର୍ବ ଏସିଆ, ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରୁ ୩ଟି ଦଳ ଅନ୍ତର୍ଭୁକ୍ତ ହେବେ । ସୂଚନାଯୋଗ୍ୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ବାହାମସ୍‌କୁ ୫୭ରନ୍‌ରେ ଅଲ୍‌ଆଉଟ୍ କରି କାନାଡା ବିଶ୍ୱକପ୍ ପର୍ଯ୍ୟାୟ ପାଇଁ ନିଜର ସ୍ଥାନକୁ ପକ୍କା କରିଛି ।

## ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲ୍‌କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଆଜି ଲିଡ୍‌ସ୍‌ର ହେଡିଙ୍ଗ୍‌ଲି'ରେ ତୃତୀୟ ଦିନରେ ଭାରତର ୪୭୧ ରନ୍ ଜବାବରେ ୨୦୯ ରନ୍‌ରୁ ଇନିଙ୍ଗ୍‌ସ୍ ଆରମ୍ଭ କରିବ । ଗତକାଲି ଖେଳ ଶେଷ ହେବାବେଳକୁ ଓଲିପୋପ୍ ୧୦୦ ରନ୍‌ରେ ଅପରାଜିତ ଥିଲେ ।

ଗତକାଲି ଭାରତ ୩ ୱିକେଟ୍‌ରେ ୩ ଶହ ଅଣଷଠି ରନ୍‌ରୁ ଇନିଙ୍ଗ୍‌ସ ଆରମ୍ଭ କରିଥିଲା । ଯଶସ୍ୱୀ ଜୟଶ୍ୱାଲ୍, ଅଧିନାୟକ ଶୁଭ୍‌ମନ ଗିଲ୍ ଏବଂ ଉପଅଧିନାୟକ ଋଷଭ୍ ପନ୍ଥ ଶତକ ହାସଲ କରିଥିଲେ ।

ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍‌ସ ଏବଂ ଜୋସ୍ ଟଙ୍ଗ ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଋଷଭ ପନ୍ତ ତାଙ୍କ ଜୀବନର ସପ୍ତମ ଶତକ

ହାସଲ କରି ଭାରତର ପୂର୍ବତନ ୱିକେଟ୍‌ରକ୍ଷକ ମହେନ୍ଦ୍ର ସିଂହ ଧୋନୀଙ୍କୁ ଅତିକ୍ରମ କରିଛନ୍ତି ।